# ଗୁଡୁଚି

## ଉଦ୍ଭିଦ ପରିଚୟ:

ଆୟୁର୍ବେଦୀୟ ନାମ: ଅମୃତା, ଗୁଡୁଚି
ହିନ୍ଦୀ ନାମ: ଗିଲୟ
ଓଡ଼ିଆ ନାମ: ଗୁଡୁଚି

## ବ୍ୟବହାର:

ଆୟୁର୍ବେଦ ମତାନୁଯାୟୀ ଗୁଡୁଚି ମୁଖ୍ୟତ ଯକୃତ ଗତ ରୋଗ, ବୃକ୍କ ଜନିତ ରୋଗ, ବିଷମ ଜ୍ୱର, ଜ୍ୱର, ମଧୁମେହ ଓ ଗଣ୍ଠିବାତ ଆଦି ରୋଗରେ ବ୍ୟବହାର କରାଯାଏ | ଏହାର କାଣ୍ଡ କୁ ହିଁ ଔଷଧ ରୂପରେ ଉପଯୋଗ କରାଯାଏ |

## <u>ଚାଷ ପ୍ରଣାଳୀ:</u>

## ଜଳବାୟୁ ଓ ମୃତ୍ତିକା:

ଏହାର ଚାଷ ନିମନ୍ତେ ଉଷ୍ଣକଟୀବନ୍ଧିୟ ଓ ଉପକଟୀବନ୍ଧିୟ ଜଳବାୟୁ ରେ ଏହା ଭଲ ବଢିଥାଏ | ବାଲିଆ ଦୋରସା ମାଟି ଏବଂ ନିଗିଡ଼ା ଜମି ଏହାର ଚାଷ ନିମନ୍ତେ ଉପଯୁକ୍ତ |

## ନର୍ସରୀ ପ୍ରସ୍ତୁତି:

ଏକ ହେକ୍ଟର ଜମି ଚାଷ ନିମନ୍ତେ ପ୍ରାୟ ୨୫୦୦୦ ଚାରା ଆବଶ୍ୟକ ପଡିଥାଏ | ଏହାର ଚାରା ପ୍ରସ୍ତୁତି କାଣ୍ଡ ଓ ମଞ୍ଜି ମାଧମ ରେ କରାଯାଇଥାଏ, କିନ୍ତୁ ଏହାର କାଣ୍ଡ ମାଧମରେ ଚାରା ପ୍ରସ୍ତୁତି ଶୀଘ୍ର ଓ ସହଜ ରେ ହୋଇଥାଏ | ଫେବୃଆରୀ ଓ ମାର୍ଚ୍ଚ ମାସରେ ପେନସିଲ ମୋଟା ର ପୁରୁଣା ଗୁଡୁଚି କାଣ୍ଡ କୁ ସଂଗ୍ରହ କରି ଏହାକୁ ଛୋଟ ଛୋଟ ଖଣ୍ଡ ରେ କାଟିବାକୁ ହେବ ଯେପରି ପ୍ରତ୍ୟେକ ଖଣ୍ଡରେ ୩-୪ ଗୋଟି ଗଣ୍ଠି ରହିଥିବା ଦରକାର କାରଣ ଏହି ଗାଣ୍ଠିରୁ ହିଁ କୁଆଁ ବାହାରିଥାଏ | ଏହି ଖଣ୍ଡକୁ ପୂର୍ବରୁ ପ୍ରସ୍ତୁତ ପଲିଥିନ ବ୍ୟାଗ ରେ ରୋପଣ ସମୟରେ ଧ୍ୟାନଦେବା ଦରକାର ଗୁଡୁଚି ଖଣ୍ଡର ନୀଚଭାଗ ମାଟି ଭିତରେ ରୋପିତ ହେବ ଦରକାର | କାଣ୍ଡ ରୋପଣ ପରେ ସାମାନ୍ୟ ଜଳସେଚନ ଦରକାର ପରେ ପରେ ଦିନକୁ ଦୁଇଥର ଜଳଛିଞ୍ଚନ କରିବା ଦରକାର | ପ୍ରାୟ ୪୫-୬୦ ଦିନମଧରେ ଚାରା ଗୁଡିକ ମୁଖ୍ୟ କ୍ଷେତରେ ରୋପଣ ନିମନ୍ତେ ଉପଯୁକ୍ତ ହୋଇଯାଇଥାଏ |

## ମୁଖ୍ୟ କ୍ଷେତ ପ୍ରସ୍ତୁତି:

ଗୁଡୁଚି ଲତା ର ଉତ୍ତମ ବୃଦ୍ଧି ନିମନ୍ତେ କ୍ଷେତ କୁ ଭଲଭାବରେ ପ୍ରସ୍ତୁତି କରିବା ନିତ୍ୟାନ୍ତ ଆବଶ୍ୟକ | ମେ ମାସରେ କ୍ଷେତ କୁ ୨-୩ ଓର ଗଭୀର ହଳ କରି ମାଟି ଖରା ଖାଇବାକୁ ଛାଡ଼ିଦେବା ଦରକାର | ପ୍ରଥମ ବର୍ଷା ହେଲା ପରେ କ୍ଷେତରେ ୧୦ ଟନ ଶଢା ଗୋବର ଖତ ଓ ୧୦୦ କିଲୋଗ୍ରାମ ଜିଆଖତ ମିଶାଇ ହଳ କରି ଜମି ସମତୁଲ କରିବାକୁ ହେବ |

## ଚାରା ରୋପଣ:

ଜୁନ ଓ ଜୁଲାଇ ମାସ ମଧ ଭାଗରେ ମୁଖ୍ୟ କ୍ଷେତରେ ଚାରା କୁ ଚାରା ୩ ମି. ଓ ଧାଡି କି ଧାଡି ୩ ମି. ଦୂରତ୍ୱ ରେ ଚାରା ରୋପଣ କରିବାକୁ ହେବ |

**ଜଳସେଚନ:**

ଚାରା ରୋପଣ ପରେ ପରେ ସାମାନ୍ୟ ଜଳ ସେଚନ ଆବଶ୍ୟକ ପଡିଥାଏ | ଯଦିଓ ବର୍ଷା ସମୟ ସମୟରେ ହେଉଥାଏ ତେବେ ଜଳସେଚନ ର ଆବଶ୍ୟକତା ପଡ଼ିନଥାଏ | ବର୍ଷା ଠିକ ସମୟରେ ନହେଲେ ତାହେଲେ ୧୫-୨୦ ଦିନ ଅନ୍ତରରେ ଜଳସେଚନ କରାଯାଏ |

**ଘାସ ବାଛିବା:**

ପ୍ରତି ୩୦ ଦିନରେ ଥରେ ଘାସ ଓ ଅନାବନା ଗଛ ଗୁଡିକ କ୍ଷେତରୁ ସଫାକରିବା ଦରକାର କିନ୍ତୁ ଧ୍ୟାନ ଦେବା ଦରକାର ଯେପରି ମୁଖ୍ୟ ଫସଲ ଯେପରି ନଷ୍ଟ ନହୁଏ |

**ରଞ୍ଜା ବ୍ୟବସ୍ଥା:**

ଗୁଡୁଚି ଏକ ଆରୋହୀ ଲତା ହୋଇଥିବାରୁ ଏହା ମାଡ଼ିବ ନିମନ୍ତେ ରଞ୍ଜା ଆବଶ୍ୟକ | ପ୍ରତ୍ୟେକ ଚାରା ମୂଳରେ କଞ୍ଚା ନିମ୍ବଡାଳ ଆମ୍ବଡାଳ ରଞ୍ଜା ଦିଆଯାଏ ଯାହାଦ୍ଵାରା ଏହା ବୃଦ୍ଧି ହେବ ସହିତ ଏହାର ଔଷଧୀୟ ଗୁଣ ମଧ୍ୟ ବୃଦ୍ଧି ହୋଇଥାଏ, ମଝିରେ ମଝିରେ ଧ୍ୟାନ ଦେବାକୁହେବ ଯେପରି ରଞ୍ଜାରେ ଓଇ ଲାଗି ଗଛକୁ ନଷ୍ଟନକରେ |

**ରୋଗ ଓ ପୋକ ନିରାକରଣ:**

ଯେହେତୁ ଏହାର କାଣ୍ଡ ଓ ପତ୍ର ତିକ୍ତ ରସଯୁକ୍ତ ହୋଇଥିବା ହେତୁ ଏଥିରେ ପ୍ରାୟ ରୋଗ ପୋକ ଲାଗିନଥାଏ |

ଫସଲ ପରିପକ୍ଵତା ଓ ଅମଳ:

ଏହାର ଅମଳ ସମୟ ଜାଣିବା ଯେତେବେଳେ କାଣ୍ଡରୁ ପତ୍ର ଝଡ଼ିବା ଆରମ୍ଭ କରିଥାଏ ଏବଂ ଏହାର କାଣ୍ଡ ର ମୋଟେଇ ୨-୫ ସେଣ୍ଟିମିଟର ରୁ ଅଧିକ ହୋଇଥାଏ ସେତେବେଳେ ଏହା ଅମଳ ନିମନ୍ତେ ଉପଯୁକ୍ତ ହୋଇଥାଏ | ଜମିଠାରୁ ୨-୩ ଫୁଟ ଉପରକୁ ଏହାକୁ କାଟି କରି ଅମଳ କରାଯାଏ | ତାହାପରେ ଏହି କାଣ୍ଡ କୁ ୧-୧.୫ ଇଞ୍ଚ ଲମ୍ବା ର ଛୋଟ ଛୋଟ ଖଣ୍ଡରେ କାଟିକରି ଛାଇ ରେ ଏବଂ ବାୟୁ ଚଳାଚଳ କରୁଥିବା ଗୃହରେ ଶୁଖାଯାଏ | ପ୍ରାୟ ହେକ୍ଟର ପ୍ରତି ୧୫୦୦ କିଲୋଗ୍ରାମ କଞ୍ଚା ଓ ୩୦୦ କିଲୋଗ୍ରାମ ଶୁଖିଲା ଗୁଡୁଚି ଅମଳ ହୋଇଥାଏ |